# Akashvani, Sambalpur

## SAMBALPURI NEWS BULLETIN

### 29 April 2025- 6.47- 6.52 am.

*********************************************

ପଦ୍ମ ପୁରସ୍କାର ଏନ୍‌ଏସ୍‌ଡି

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଭିନ୍ ଭିନ୍ କ୍ଷେତ୍ରଥି ଉଲ୍ଲେଖନୀୟ ଅବଦାନ୍ ହାସଲ୍ କରିଥିବା ୭୧ ଝନ୍‌କୁ ଗଲାକାଏଲ୍ ରାଷ୍ଟ୍ରପତି ଭବନ୍ ନ ସମ୍ମାନ୍‌ଜନକ୍ ପଦ୍ମ ପୁରସ୍କାର୍ ପ୍ରଦାନ୍ କରିଛନ୍ । ସେମାନ୍‌କର୍ ଭିତ୍‌ରୁ ୪ ପଦ୍ମ ବିଭୂଷଣ୍, ୧୦ ଝନ୍‌କୁ ପଦ୍ମଭୂଷଣ୍ ଆର୍ ୫୭ ଝନ୍‌କୁ ପଦ୍ମଶ୍ରୀ ପୁରସ୍କାର୍ ମିଲିଛେ । ଭିନ୍ ଭିନ୍ କ୍ଷେତ୍ରଥି ପ୍ରତିଷ୍ଠିତ ୪ ଝନ୍ ବିଶିଷ୍ଟ ଓଡ଼ିଆଙ୍କୁ ସମ୍ମାନ୍‌ଜନକ୍ ପଦ୍ମଶ୍ରୀ ପୁରସ୍କାର୍ ଦିଆଯାଇଛେ । ଭେଷଜଥି ପ୍ରକ୍ଷାତ୍ ଚିକିତ୍ସକ୍ ପ୍ରଫେସର୍ ଡାକ୍ତର୍ ଅଶୋକ କୁମାର୍ ମହାପାତ୍ର, ବିଶିଷ୍ଟ ଭାସ୍କର୍ଯ୍ୟ ଶିଳ୍ପୀ ଅଦ୍ୱୈତ ଚରଣ୍ ଗଡ଼ନାୟକ, ବିଶିଷ୍ଟ ଓଡ଼ିଶୀ ନୃତ୍ୟ ଶିଳ୍ପୀ ଗୁରୁ ଦୁର୍ଗାଚରଣ୍ ରଣବୀର ଆଉ ବିଶିଷ୍ଟ ସାହିତ୍ୟିକା ଡକ୍ଟର୍ ପ୍ରତିଭା ଶତ୍‌ପଥୀଙ୍କୁ ରାଷ୍ଟ୍ରପତି ଇ ସମ୍ମାନ୍ ଦେଇଛନ୍ । ଇ ସବୁ ପ୍ରତିଭା ମାନ୍‌କୁ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ, ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ, ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍‌ପାଟି, ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ପ୍ରମୁଖ ଶୁଭେଚ୍ଛା ଜନେଇଛନ୍ ।

ୟୁଗ୍ମ ଇନୋଭେସନ୍ କନ୍କ୍ଲେଭ ଆର୍ଏନ୍ୟୁ/ ସମ୍ବଲପୁର

କେନ୍ଦ୍ର ଶିକ୍ଷା ମନ୍ତ୍ରଣାଲୟ ତର୍ଫୁ ନୂଆଦିଲ୍ଲୀ ଭାରତ୍ ମଣ୍ଡପମ୍ ଠାନେ 'ୟୁଗ୍ମ ଇନୋଭେସନ୍ କନ୍କ୍ଲେଭ୍' ଆଏଜ୍ ସଖାଲ୍ବେଲା ହେବା । ପ୍ରଧାନ୍ମନ୍ତ୍ରୀ ନରେନ୍ଦ୍ର ମୋଦୀ କାର୍ଯ୍ୟକ୍ରମ୍ଥି ମୁଖ୍ୟଅତିଥି ଭାବେ ଯୋଗ୍ ଦେବାର୍ କାର୍ଯ୍ୟସୂଚୀ ରହିଛେ । ଇ ଅବ୍ସରେ ୧୪ ଶହ କୋଟିନୁ ଅଏତ୍କା ଟଙ୍କାର୍ ୟୁଗ୍ମ ନିବେଶ୍ ସହେତେ ଗବେଷଣା ଆଉ ଇନୋଭେସନ୍କେ ବର୍କସ୍ କର୍ବାର୍ ଲାଗି ଏମ୍ଓୟୁ ହସ୍ତାନ୍ତର୍ କାର୍ଯ୍ୟକ୍ରମ୍ ଭିଲ୍ ହେଉଛେ ।

ଭୁବ୍ନେଶ୍ୱର୍ ଅର୍ବାନ୍ କୋ-ଅପ୍ରେଟିଭ୍ ବେଙ୍କ

ଆର୍ଏନ୍ୟୁ/ ସମ୍ବଲପୁର

ଭୁବ୍ନେଶ୍ୱର୍ ଅର୍ବାନ୍ କୋ-ଅପ୍ରେଟିଭ୍ ବେଙ୍କ୍ର ଜମାକାରୀମାନ୍କର୍ ଟଙ୍କା ଫିରି ପାଏବାର୍ ପ୍ରକ୍ରିୟା ମୁଲ୍ ହେଇଛେ । ୯ ହଜାର୍ ୫ ଶହ ୩୭ ଝନ୍ ଜମାକାରୀ ୨୦ କୋଟି ୯୬ ଲାଖ୍ ଟଙ୍କା ଫିରି ପାଏବେ ବଲି ଜନାପଡ଼ିଛେ । ଭୁବ୍ନେଶ୍ୱର୍ ଲୋକ୍ସେବା ଭବନ୍ ନ ହେଇଥିବା କାର୍ଯ୍ୟକ୍ରମ୍ଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଇ ପ୍ରକ୍ରିୟାର୍ ଶୁଭାରମ୍ଭ କରିଛନ୍ । ପହେଲା ଦିନେ ଶହେ ୧୭ ଝନ୍ ଜମାକାରୀଙ୍କର୍ ୨ କୋଟି ୮୦ ଲାଖ୍ ଟଙ୍କା ଫିରାଯାଇଛେ । ମୁଖ୍ୟମନ୍ତ୍ରୀ ୯ ଝନ୍କୁ ଇ ବାବ୍ଦେ ଚେକ୍ ଦେଇଛନ୍ । ଇନ ଜନେଇ

ଦିଆଯାଇପାରେ ଯେ, ବହୁତ୍ ଦିନର୍ ପରିଚାଳନାଗତ ଭୁଲ୍ ଲାଗି ଭୁବ୍‌ନେଶ୍ୱର୍ ଅର୍ବାନ୍ କୋ-ଅପ୍‌ରେଟିଭ୍ ବେଙ୍କ୍‌ର ଆର୍ଥିକ୍ ଥିତି ଖରାପ୍ ହେଇଥିଲା ।

ମଧୁବାବୁ ଜୟନ୍ତୀ -ମୁଖ୍ୟମନ୍ତ୍ରୀ ଆର୍‌ଏନ୍‌ୟୁ/ ସମ୍ବଲପୁର

ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ନ ହେଇଥିବା ମଧୁବାବୁ ଜୟନ୍ତୀ ସମାରୋହଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇଥିଲେ । ଇ ଅବ୍‌ସରେ ମଧୁବାବୁଙ୍କୁ ଶ୍ରଦ୍ଧାଞ୍ଜଳି ଜନେଇକରି ମୁଖ୍ୟମନ୍ତ୍ରୀ କହିଛନ୍, ଓଡ଼ିଶାର୍ ପାଖାପାଖି ୫୦ ଲାଖ୍ ଚାଷୀ ସମବାୟ ଆନ୍ଦୋଲନ୍‌ଥି ଜୁଡ଼ି ହେଇଛନ୍ । ୨୦୨୫ ମସିହାତକ୍ ସବୁ ଚାଷୀଙ୍କୁ ସମବାୟ ସାଙ୍ଗେ ଜୁଡ଼୍‌ବାର୍ ଲାଗି ରାଜ୍ୟ ସର୍‌କାର୍ ଲକ୍ଷ୍ୟ ରଖିଛନ୍ ଆଉର୍ ଇଥିର୍‌ଲାଗି ରାଜ୍ୟର୍ ଫି ପଂଚାୟତ୍ ନ ଗୁଟେ ଲେଖା ପେକ୍ସ ଆଉ ଲେମ୍ପ୍‌ସ୍ ଭିଲ୍ ଗଠନ୍ କରାଯିବା । ରାଏଜେ ଇହାଦେ ୨ ହଜାର୍ ୭ ଶହ ୧୧ ଟା ପେକ୍ସ ଥିବାର୍ ବେଲ୍‌କେ ଆଉ ଅଏତ୍‌କା ୧୫ ଶହ ୪୨ ଟା ନୂଆଁ ପେକ୍ସ ଗଠନ୍ କରାଯିବା ଆଉ ସେମାନ୍‌କୁ ୫ ଲାଖ୍ ଟଙ୍କା ଲେଖା ସିଡ୍ ମନି ଦିଆଯିବା ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

ଆନ୍ତର୍ଜାତୀୟ ନୃତ୍ୟ ଦିବସ୍ ଆର୍‌ଏନ୍‌ୟୁ / ସମ୍ବଲପୁର

ଆଏଜ୍ ଅନ୍ତର୍ଜାତୀୟ ନୃତ୍ୟ ଦିବସ୍ । ପ୍ରସିଦ୍ଧ ନୃତ୍ୟଶିଳ୍ପୀ ଜିନ୍ ଜର୍ଜେସ୍ ନୋଭେଲ୍ଙ୍କୁ ସୁର୍‌ତା କରିକରି ଫି ବଛର୍ ଆଝିର୍ ଦିନେ ଇ ଦିବସ୍ ପାଲନ୍ କରାଯାଏସି । ୧୯୮୨ ମସିହା ଇଂଟର୍ ନେସ୍‌ନାଲ୍ ଥିଏଟର୍ ଇନ୍‌ଷ୍ଟିଚ୍ୟୁଟ୍‌ର ନୃତ୍ୟ କମିଟି ତର୍‌ଫୁ ଅନ୍ତର୍ଜାତୀୟ ନୃତ୍ୟ ଦିବସ୍ ମୁଲ୍ କରାଯାଇଥିଲା । ଶାରୀରିକ ଆଉ ମାନସିକ ସ୍ୱାସ୍ଥ୍ୟକେ ଉନ୍ନତ କର୍‌ବାର୍ ଦିଗେ ଲୁକ୍‌କୁ ସଚେତନ୍ କର୍‌ବାର୍ ଲାଗି ଫି ବଛର୍ ଇ ଦିବସ୍ ପାଲନ୍ କରାଯାଉଛେ ।

ଆଇଟି ଟାୱାର୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ଓଡ଼ିଶାକେ ଡିଜିଟାଲ୍ ଅର୍ଥନୀତିର୍ ହବ୍ କର୍‌ବାର୍ ଲାଗି ଭୁବ୍‌ନେଶ୍ୱର୍ ନ ଥାପ୍‌ନା ହେବା ୩୪ ମହଲାର୍ ଆଇଟି ଟାୱାର୍ । ଭୁବ୍‌ନେଶ୍ୱର୍ ନ ୬ ଏକଡ଼୍ ଜମିନ୍‌ଥି ତିଆର୍ ହେବାର୍‌କେ ଥିବା ଇ ଟାୱାର୍ କାର୍ଯ୍ୟକ୍ଷମ ହେଲେ ଓଡ଼ିଶା ନ ଭିନ୍ ଭିନ୍ ଟେକ୍ ଆର୍ ଆଇଟି କମ୍ପାନୀ ନିବେଶ୍ କର୍‌ବାର୍ ସହେତେ ୮ ହଜାର୍‌ନୁ ଅଏତ୍‌କା ନିଯୁକ୍ତି ସୁଯୋଗ୍ ସୃଷ୍ଟି ହେବା ବଲି ସର୍‌କାରୀ ସୂତ୍ର୍‌ନୁ ଜନାପଡ଼ିଛେ ।

ଚିପିଲିମା- ଉପମୁଖ୍ୟମନ୍ତ୍ରୀ ଆର୍‌ଏନ୍‌ୟୁ/ ସମ୍ବଲପୁର

ଉପମୁଖ୍ୟମନ୍ତ୍ରୀ, କୃଷି ଆଉ ଶକ୍ତି ମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ଗଲାକାଏଲ୍ ସମ୍ବଲ୍‌ପୁର୍ ଗସ୍ତଥି ଆସିକରି ଚିପିଲିମା ଠାନେ ମା ଘଂଟେଶ୍ୱରୀ ମନ୍ଦିର୍ ଦର୍ଶନ୍ କର୍‌ବାର୍ ସହେତେ ମନ୍ଦିର୍‌ର ଭିନ୍ ଭିନ୍ ସମସ୍ୟା ବାବ୍‌ଦେ ପଚ୍‌ରେଇ ବୁଝିଥିଲେ । ଇ ଅବ୍‌ସରେ ମନ୍ତ୍ରୀ ଶ୍ରୀ ସିଂହଦେଓ ଚିପିଲିମା ଜଲବିଦ୍ୟୁତ୍ ପ୍ରକଳ୍ପର୍ ସମ୍ମିଲନୀ କକ୍ଷ ନ ଅଧିକାରୀ ଆଉ କର୍ମଚାରୀମାନ୍‌କର୍ ସାଙ୍ଗେ ଗୁଟେ ବୈଠକ୍‌ଥି ଯୋଗ୍ ଦେଇକରି ପ୍ରକଳ୍ପର୍ ଜଲବିଦ୍ୟୁତ୍ ଉତ୍ପାଦନ୍ ବାବ୍‌ଦେ ଆଲୋଚନା କରିଥିଲେ ।

ସର୍‌କାରୀ ଶିଳ୍ପ ତାଲିମ୍ କେନ୍ଦ୍ର ଆର୍‌ଏନ୍‌ୟୁ/ ସମ୍ବଲପୁର

ନୂଆପଡ଼ା ଜିଲ୍ଲା ଖରିଆର୍ ରୋଡ୍ ସର୍‌କାରୀ ଶିଳ୍ପ ତାଲିମ୍ କେନ୍ଦ୍ର ଠାନେ ଆଏଜ୍ ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା କାର୍ଯ୍ୟକ୍ରମ୍ ହେବା । ଇ କାର୍ଯ୍ୟକ୍ରମ୍ ସଖାଲର୍ ୮ ବଜେନୁ ମୁଲ୍ ହେଇକରି ଦିନର୍ ୨ ବଜେତକ୍ ଚାଲ୍‌ବା । ଓଡ଼ିଶା ଦକ୍ଷତା ବିକାଶ୍ ଆଉ ଜିଲ୍ଲା ପ୍ରଶାସନ୍ ସହଯୋଗ୍‌ଥି ହେବାର୍‌କେ ଥିବା ଇ ମେଳାଥି ଜିଲ୍ଲାର୍ ସବୁ ବ୍ଲକ୍ ଆଉ ସହରାଂଚଲ୍‌ର ଯୁଆନ୍ ପିଲାଟୁକେଲ୍ ମାନେ ଭାଗ୍ ନେଇପାର୍‌ବେ । ଇଚ୍ଛୁକ ପ୍ରାର୍ଥୀମାନେ ଇ ସମିଆ ଭିତ୍‌ରେ ସେମାନ୍‌କର୍ ଶିକ୍ଷାଗତ ଯୋଗ୍ୟତା ପ୍ରମାଣ୍‌ପତ୍ର, ଆଧାର୍‌କାର୍ଡ଼ ସହେତେ ପଞ୍ଜିକରଣ୍ କରିକରି ବେସର୍‌କାରୀ ସ୍ତର୍‌ଥି ଥିବା

ନିଯୁକ୍ତିର୍ ସୁଯୋଗ୍ ନେବାର୍କେ ଜିଲ୍ଲାପାଲ୍ଙ୍କର୍ ତର୍ଫୁ ଅନୁରୋଧ୍ କରାଯାଇଛେ ।

ପାଣିପାଗ ଆର୍ଏନ୍ୟୁ/ ସମ୍ବଲପୁର

ରାଜ୍ୟର୍ ବଡ଼ଭାଗୀ ଜିଲ୍ଲା ନ ଆଏବା ୪ ଦିନ୍ତକ୍ କାଲ୍ବୈଶାଖୀର୍ ପ୍ରଭାବ୍ ରହେବା ବଲି ଭୁବ୍ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍ଫୁ ଅନୁମାନ୍ କରାଯାଇଛେ । କାଲ୍ବୈଶାଖୀର୍ ଲାଗି ତାପମାତ୍ରା ୩ ନୁ ୫ ଡିଗ୍ରୀତକ୍ କମ୍ବା । ପର୍ଶ୍ଚିମ ଓଡ଼ିଶା ସହେତେ ୨୦ ଟା ଜିଲ୍ଲା ନ ଘଡ଼୍ଘଡ଼ି ସାଙ୍ଗେ ବର୍ଷାକେ ନେଇକରି ସତର୍କ କରାଯାଇଛେ । ଗଲାକାଏଲ୍ ରାଜ୍ୟର୍ ସବୁନୁ ଜହ ତାପମାତ୍ରା ବଲାଙ୍ଗିର୍ ନ ୪୦ ଦଶ୍ମିକ୍ ୪ ଡିଗ୍ରୀ ସେଲ୍ସିଅସ୍ ରେକର୍ଡ଼ କରାଯାଇଥିବାର୍ ବେଲେ ବାକି ସବୁ ଜାଗାର୍ ତାପମାତ୍ରା ୪୦ ଡିଗ୍ରୀ ତଲେ ରହିଥିଲା ।